**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**21 January – 2026**

# ନିବେଶକ ସମ୍ମିଳନୀ

ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକାତା ଓ ହାଇଦ୍ରାବାଦରେ ଅନୁଷ୍ଠିତ ନିବେଶକ ସମ୍ମିଳନୀରୁ ଓଡିଶାକୁ ୧ଲକ୍ଷ ୬୭ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ଆସିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ଏହି ସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୧ଲକ୍ଷ ୪୬ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି, ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ସମସ୍ତ ସହଯୋଗ ପ୍ରଦାନ କରିବା ସହ ଏଥିଲାଗି ଭିତ୍ତିଭୂମି ସୃଷ୍ଟି କରାଯାଉଛି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଏବଂ ୨୦୪୭ମସିହା ସୁଦ୍ଧା ବିକଶିତ ଭାରତ ଗଠନ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ।

# ରାଜ୍ୟପାଳ-ପ୍ରଶିକ୍ଷଣ

ଯୁବବର୍ଗଙ୍କ ସେବା,କରୁଣା ଓ ସାମାଜିକ ଦାୟିତ୍ୱବୋଧ ଦେଶର ଭବିଷ୍ୟତ ନିର୍ମାଣ କରିବା ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱର ରମାଦେବୀ ବିଶ୍ୱବିଦ୍ୟାଳୟରେ ରାଜ୍ୟସ୍ତରୀୟ ଯୁବ ରେଡ୍‌କ୍ରସ ଶିକ୍ଷା ତଥା ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ରାଜ୍ୟପାଳ ସମାଜସେବା ମାନବ ଜୀବନର ସବୁଠାରୁ ଉତ୍କୃଷ୍ଟ ଅଭିବ୍ୟକ୍ତି ବୋଲି କହିଛନ୍ତି ।

# ପ୍ରାଣୀ ସମାବେଶ

ଭୁବନେଶ୍ୱର ଜନତା ମଇଦାନଠାରେ ଆଜିଠାରୁ ମତ୍ସ୍ୟ ପ୍ରାଣୀ ସମାବେଶ,ଓଡିଶା-୨୦୨୬ ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପରାହ୍ନରେ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଚଳିତବର୍ଷ 'ମତ୍ସ୍ୟ ପ୍ରାଣୀ ଏବେ ନୂତନ ଦିଶା, ବିକଶିତ ହେବ ଆମ ଓଡ଼ିଶା' ବାର୍ତ୍ତା ନେଇ ସମ୍ମିଳନୀର ଆୟୋଜନ କରାଯାଉଛି । ଏଥିରେ ୮ହଜାରରୁ ଉର୍ଦ୍ଧ୍ୱ କୃଷକ ଯୋଗଦେବେ।

# ଇସିଆଇ-ଥ୍ରୀ ଡେ କନ୍‌ଫରେନ୍ସ

ନୂଆଦିଲ୍ଲୀରେ ଆଜିଠାରୁ ଆନ୍ତର୍ଜାତିକ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ ୨୦୨୬ ଆରମ୍ଭ ହେଉଛି । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆୟୋଜିତ ଏହି ତିନିଦିନିଆ ସମ୍ମିଳନୀ ଏ କ୍ଷେତ୍ରରେ ସର୍ବବୃହତ ବିଶ୍ୱ ସମ୍ମିଳନୀ ହେବାକୁ ଯାଉଛି । ୭୦ଟିରୁ ଅଧିକ ଦେଶର ପ୍ରତିନିଧି ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି । ଆନ୍ତର୍ଜାତିକ ସଂଗଠନ ଭାରତରେ ଅବସ୍ଥାପିତ ବିଦେଶୀ ମିଶନ୍‌ର ପ୍ରତିନିଧି ନିର୍ବାଚନ ପରିଚାଳନା କ୍ଷେତ୍ରର ଅଂଶିଦାର ଏବଂ ବିଶେଷଜ୍ଞ ଏଥିରେ ଅଂଶଗ୍ରହଣ କରି ମତବିନିମୟ କରିବେ ।

## ବୁଝାମଣାପତ୍ର

ପ୍ରାଥମିକ ଶିଶୁ ସେବା, ଶିକ୍ଷା ଓ ବିକାଶ କ୍ଷେତ୍ରରେ ଅନ୍ତଃରାଜ୍ୟ ସହଯୋଗକୁ ସୁଦୃଢ କରିବା ପାଇଁ ଓଡିଶା ଓ ମେଘାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପାରସ୍ପରିକ ଶିକ୍ଷା, ଦକ୍ଷତା ବୃଦ୍ଧି ଏବଂ ପ୍ରାଥମିକ ଶିଶୁ ବିକାଶ କ୍ଷେତ୍ରରେ ସର୍ବୋତ୍ତମ ଅଭ୍ୟାସଗୁଡିକର ଆଦାନପ୍ରଦାନ ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ରେଲୱେ ଓଭରବ୍ରିଜ ନିର୍ମାଣ

ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ସିଂଙ୍କ ଅଧ୍ୟକ୍ଷତାରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରସ୍ତାବିତ ରେଲୱେ ଓଭରବ୍ରିଜ ନିର୍ମାଣ ଅଗ୍ରଗତିର ସମୀକ୍ଷା ହୋଇଛି । ବୈଠକରୁ ଜଣାପଡିଛି,ପୂର୍ବତଟ ରେଳପଥ ୯୬ଟି ରେଲଓଭରବ୍ରିଜ ନିର୍ମାଣ କରିବ । ଏହା ସହ ୧୧୨ଟି ରେଲୱେ ଓଭରବ୍ରିଜ ପାଇଁ ଆପ୍ରୋଚ ରୋଡର ଜମି ଅଧିଗ୍ରହଣ ଲାଗି ନୋଡାଲ ଅଧିକାରୀ ନିଯୁକ୍ତ କରାଯାଇଛି ।

## ଢେଙ୍କାନାଳ ମହୋତ୍ସବ

ଢେଙ୍କାନାଳ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ମହିଷାପାଟ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି । ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମେଳାକୁ ଉଦ୍‌ଘାଟନ କରି କହିଛନ୍ତି ସ୍ୱଦେଶୀ ଭାବନା ରହିଲେ ଦେଶର ବିକାଶ ହୋଇପାରିବ । ଢେଙ୍କାନାଳ ସହରରେ

୨୫କୋଟି ଟଙ୍କା ବ୍ୟୟରେ ପ୍ଲାନେଟୋରିୟମ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଆମ ବସ୍ ସେବା

କ୍ଲୁଟ ଆମ ବସ୍ ସେବା'କୁ ଆହୁରି ଉନ୍ନତ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଗାମୀ ଦିନରେ ମହିଳା ଗାଡି ଚାଳକଙ୍କୁ ନିଯୁକ୍ତି କରିବା ନେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ  ଏହା ସହ ବାରିପଦା, କେନ୍ଦୁଝର ଓ ଅନୁଗୋଳରେ ଆମ ବସ୍ ଚଳାଚଳ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ପଦ୍ମବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ଦୁର୍ଲ୍ଲଭ ପଦ୍ମବେଶ ଅନୁଷ୍ଠିତ ହେବ । ଆଜି ରାତିରେ ଶ୍ରୀଜୀଉ ବଡସିଂହାର ନୀତିରେ ପଦ୍ମବେଶରେ ସଜ୍ଜିତ ହୋଇ ପହୁଡ ହେବେ । ଆସନ୍ତାକାଲି ଅବକାଶ ନୀତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ବେଶ ଦର୍ଶନ କରିପାରିବେ ।

## ଚିଲିକା-ପକ୍ଷୀଗଣନା

ଚିଲିକାରେ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଚଳିତବର୍ଷ ଚିଲିକାରେ ୧୯୬ ପ୍ରଜାତିର ୧୧ଲକ୍ଷ ୩୨ହଜାର ୨ଶହ ପକ୍ଷୀ ଚିଲିକା ଆସିଥିବାବେଳେ ଗତବର୍ଷ ୧୧ଲକ୍ଷ ୨୭ହଜାର ୨୨୮ପକ୍ଷୀ ଚିଲିକା ଆସିଥିଲେ ।

## ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି

ଖୋର୍ଦ୍ଧା ଜିଲ୍ଲାରେ ଜାତୀୟ ଗୀତ ବନ୍ଦେ ମାତରମ୍-୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା । ସୁବର୍ଣ୍ଣପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦେ ମାତରମ୍‌ର ସାମୁହିକ ଗାନ କରାଯାଇଥିଲା ।

## ମାଣ୍ଡିଆ-ମଣ୍ଡି

ମାଲକାନଗିରି ଜିଲ୍ଲା କୃଷି ବିଭାଗ ପକ୍ଷରୁ ମାଥିଲି ବ୍ଲକ ଅନ୍ତର୍ଗତ ନୂଆଗୁଡଠାରେ ଚଳିତ ଖରିଫ ଋତୁର ପ୍ରଥମ ମାଣ୍ଡିଆ କିଣା ମଣ୍ଡି ଉଦ୍‌ଘାଟିତ ହୋଇଛି । ଏହି ମଣ୍ଡି ଦ୍ୱାରା ସ୍ଥାନୀୟ ଅଞ୍ଚଳର କୃଷକମାନେ ଲାଭବାନ ହୋଇପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ଶିଶିର ସରସ ମେଳା

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ଶିଶିର ସରସ ମେଳା ଉଦ୍‌ଯାପିତ ହୋଇଛି । ଏଗାର ଦିନ ଧରି ଚାଲିଥିବା ମେଳାରେ ୩୦କୋଟିରୁ ଅଧିକ ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡିଛି । ମେଳାରେ ୩୪୦ଟି ଷ୍ଟଲ ପଡିଥିଲା ।

# ପଥପ୍ରାନ୍ତ ନାଟକ

ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ହରିଡାଖଣ୍ଡିଠାରେ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ନେଇ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଯାଇଛି ।

# ମାଣ୍ଡିଆ-ମଣ୍ଡି

ମାଲକାନଗିରି ଜିଲ୍ଲା କୃଷି ବିଭାଗ ପକ୍ଷରୁ ମାଥିଲି ବ୍ଲକ ଅନ୍ତର୍ଗତ ନୂଆଗୁଡଠାରେ ଚଳିତ ଖରିଫ ଋତୁର ପ୍ରଥମ ମାଣ୍ଡିଆ କ୍ରୟ ମଣ୍ଡି ଉଦ୍‌ଘାଟିତ ହୋଇଛି ।